# ଅନେକ ରାମ,
# ଅନେକ ରାମାୟଣ

ନିକଟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏହାର ଇତିହାସ ପାଠ୍ୟକ୍ରମରୁ ଏ.କେ. ରାମାନୁଜନ୍‌ଙ୍କ (୧୯୨୯-୧୯୯୩) ପ୍ରବନ୍ଧ 'ତିନିଶହ ରାମାୟଣ'କୁ ବାଦ୍ ଦେଇଥିବାରୁ ଛାତ୍ର ଏବଂ ବୁଦ୍ଧିଜୀବୀ ମହଲରେ ପ୍ରତିବାଦ ହୋଇଛି । ଭାରତର ଅପୂର୍ବ ସାଂସ୍କୃତିକ ଲାବଣ୍ୟକୁ ଏ ପ୍ରକାର ଅନମନୀୟ ମନୋବୃତ୍ତି କ୍ଷୁର୍ଣ୍ଣ କରୁଛି ବୋଲି ଅଭିଯୋଗ ମଧ୍ୟ ହୋଇଛି । ରାମାୟଣର ସ୍ୱର ଏବଂ ସଂଳାପ ଗୋଟିଏ ନୁହେଁ, ବରଂ ଏକାଧିକ ଏବଂ ଏହା ହିଁ ମହାକାବ୍ୟଟିର ବୈଶିଷ୍ଟ୍ୟ ବୋଲି ମତ ପ୍ରକାଶ ପାଇଛି । ଇତିହାସର ବିପୁଳ ତଥା ଉଦାର ଅନ୍ତଃସତ୍ତାକୁ ତାଲିବାନୀକରଣରୁ ମୁକ୍ତ କରାଯାଉ ବୋଲି ଐତିହାସିକ ମାନେ ମତ ଦେଇଛନ୍ତି ।

ଏଇ ପରିପ୍ରେକ୍ଷୀରେ ଆସନ୍ତୁ ଯିବା ଶ୍ରୀ ରାମାନୁଜନ୍‌ଙ୍କ ବିତର୍କିତ ମୂଳ ପ୍ରବନ୍ଧକୁ। ପାଠକ ମାନଙ୍କ ନିମନ୍ତେ ସ୍ପଷ୍ଟ କରୁଛି ଏଇ ପ୍ରବନ୍ଧଟି ସ୍ଥାନିତ ହୋଇଥିଲା ପଲା ରିଚ୍‌ମ୍ୟାନ୍ ସଂପାଦିତ ସଂକଳନରେ-(Many Ramayanas: The Diversity of a narrative tradition in South Asia) ୧୯୯୧ରେ । ଦିଲ୍ଲୀ ବିଶ୍ୱ-ବିଦ୍ୟାଳୟର ଅଣ୍ଡର ଗ୍ରାଜୁଏଟ୍ ଇତିହାସ ପାଠ୍ୟକ୍ରମରେ ଏହା ଅନ୍ତର୍ଭୁକ୍ତ ହୋଇଥିଲା ୨୦୦୮ରେ ।

ପ୍ରବନ୍ଧ ଆରମ୍ଭରେ ରହିଛି ଲୋକକଥାକୁ ଭିତ୍ତି କରି ଏକ ଚମତ୍କାର ଆଖ୍ୟାନ । ସଂକ୍ଷେପରେ ତାହା ଏମିତି: ଦିନେ ରାଜା ରାମଚନ୍ଦ୍ର ସିଂହାସନରେ ବସିଥିବା ବେଳେ ତାଙ୍କ ହାତରୁ ମୁଦି ଖସି ପଡିଲା । ମୁଦ୍ରିକା ଭୂମିସ୍ପର୍ଶ କରିବା ମାତ୍ରକେ ତତ୍‌କ୍ଷଣାତ୍ ସୃଷ୍ଟି ହେଲା ଏକଗର୍ତ୍ତ ଏବଂ ଚାହୁଁଚାହୁଁ ମୁଦ୍ରିକା ତହିଁରେ ଅନ୍ତର୍ଧାନ ହୋଇଗଲା । ରାଜଦରବାରରେ ସେତେବେଳେ ଉପସ୍ଥିତ ଥିଲେ ରାମଙ୍କ ଏକାନ୍ତ ଅନୁଗତ ହନୁମାନ। ଅମିତ ପରାକ୍ରମୀ ହନୁମାନଙ୍କ ନିମନ୍ତେ କୌଣସି କାର୍ଯ୍ୟ ଅସମ୍ଭବ ନଥିଲା। ଶ୍ରୀରାମଙ୍କ ଆଜ୍ଞାରେ ଅତ୍ୟନ୍ତ ସୂକ୍ଷ୍ମରୂପ ଧାରଣ କରି ଭୂମିଗତ ହୁଅନ୍ତେ ସେ ପହଞ୍ଚି ଗଲେ ପାତାଳ ପୁରୀରେ । ତାଙ୍କର ସାକ୍ଷାତ ହେଲା ସେପୁରର ରାଜାଙ୍କ ସହିତ । ଘଟଣାକ୍ରମେ ହନୁମାନ ତାଙ୍କ ଗସ୍ତର କାରଣ ବାବଦରେ ସୂଚନା ଦେଲେ ଏବଂ ପାତାଳପତିଙ୍କ ଇସାରାରେ ହନୁମାନଙ୍କ ଆଗରେ ରଖାଗଲା ଏକ ମୁଦ୍ରିକାପୂର୍ଣ୍ଣ ଥାଳି । କହିବା ବାହୁଲ୍ୟ, ତହିଁରେ ଥିଲା ହଜାର ହଜାର ମୁଦ୍ରିକା- ପ୍ରତ୍ୟେକ ରାମାଙ୍କିତ ଏବଂ ଏକାପରି । ହନୁମାନଙ୍କୁ ତହୁଁ ପାତାଳର ରାଜା କହିଲେ, ତୁମେ ଫେରିବା ବେଳକୁ ରାମ ଆଉ ଅଯୋଧ୍ୟାରେ ନଥିବେ । ତାଙ୍କ ଅବତାରର ସମୟ ଶେଷ ହୋଇଛି । ଏ ଥାଳିରେ ଯେଉଁ ସବୁ ମୁଦି ତୁମେ ଦେଖୁଛ, ସେ ସବୁ ବି ରାମମାନଙ୍କର । ଯେଉଁ ରାଜାଙ୍କ ସମୟ ସରି ଆସେ ତାଙ୍କ ହାତରୁ ମୁଦିଟି ଖସି ପଡେ । ସେଇ ମୁଦି ସବୁ ସଂଗ୍ରହ କରି ମୁଁ ରଖି ଆସୁଛି ।

ରାମାନୁଜନ୍ କହିଛନ୍ତି 'ଯେତେ ରାମ ସେତିକି ରାମାୟଣ', ଏଇ କଥା ବୁଝେଇବା ପାଇଁ ନିର୍ଦ୍ଦିଷ୍ଟ ଆଖ୍ୟାନଟି ବ୍ୟବହାର ହୋଇ ଆସୁଛି । ଅନ୍ୟ ପକ୍ଷରେ, ଶହ ଶହ ବର୍ଷ ଧରି ରାମାୟଣର ରହିଛି ଏକ ବର୍ଣ୍ଣିଳ ପରମ୍ପରା । ବଙ୍ଗଳା, ଅସମୀୟା, ଗୁଜୁରାଟୀ, ମରାଠୀ, ସାନ୍ତାଳୀ, ତାମିଲ୍, ତେଲୁଗୁ, ଓଡିଆ, କୋଶଳୀ, କନ୍ନଡ, କଶ୍ମୀରୀ ବାଦ୍ କାମ୍ବୋଡିଆ, ବାଲି, ଜାଭା, ସୁମାତ୍ରା, ଥାଇଲାଣ୍ଡ, ମାଲୟେସିଆ, ଚୀନ୍ ଏବଂ ତିବ୍ବତରେ ମଧ୍ୟ ରାମାୟଣ ଅଛି । ମଜାର କଥା ହେଉଛି ରାମାୟଣ କେବଳ ଏହାର ମୂଳ ପ୍ରକରଣ ସଂସ୍କୃତରୁ ଅନୁଦିତ ହୋଇ ନାହିଁ, ଏହା ଅନୁରୋପିତ ମଧ୍ୟ ହୋଇଛି । ପୃଥକ୍ ପରମ୍ପରା ଏବଂ ଚଳଣିକୁ ଭିତ୍ତି କରି ପରିବର୍ଦ୍ଧିତ ବି ହୋଇଛି । ବାଲ୍ମିକୀ ରାମାୟଣରେ ରାମଚନ୍ଦ୍ର ସାକ୍ଷାତ୍ ଈଶ୍ୱର ନୁହନ୍ତି, ମାତ୍ର ମନୁଷ୍ୟ ଅବତାରରେ ସର୍ବୋତ୍ତମ ମର୍ଯ୍ୟାଦା ଏବଂ ମୂଲ୍ୟବୋଧର ପ୍ରତିନିଧି । କିନ୍ତୁ ତାମିଲ ରାମାୟଣରେ ରାମଚନ୍ଦ୍ର ପ୍ରତ୍ୟକ୍ଷ ଭାବରେ ଈଶ୍ୱର ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପୃଥିବୀରେ ତାଙ୍କର ଅବତାର । ଶ୍ରୀ ରାମାନୁଜନ୍‌ଙ୍କ ମତ ଯେ ବାଲ୍ମିକୀ ରାମାୟଣ ଉପରାନ୍ତ ରଚିତ ତାମିଲ ରାମାୟଣ ପୂର୍ଣ୍ଣ ଉପଯୋଗ କରିଥିଲା ବାଲ୍ମିକୀଙ୍କ

ଆଖ୍ୟାନକୁ ଏବଂ ତା ସହିତ ସ୍ଥାନୀୟ ଲୋକକଥା, ପରମ୍ପରା ଏବଂ ସର୍ବୋପରି ତାମିଲ ଭକ୍ତି ଆନ୍ଦୋଳନକୁ । ଜୈନ ଉପାଖ୍ୟାନ ମାନଙ୍କରେ ରାମ କଥା ସ୍ୱାଭାବିକ ହିନ୍ଦୁ ଧର୍ମର କାହାଣୀ ହୋଇ ରହିନାହିଁ । ରାବଣ ସେଠି ଖଳନାୟକ ନୁହେଁ ଏବଂ ତାକୁ ଛାର ବାନର ମାନେ ପରାଜିତ କରିବାର ପ୍ରଶ୍ନ ଉଠୁନାହିଁ । ରାବଣ ଏଠି କେବଳ ଅଖଣ୍ଡ ବଳଶାଳୀ ନୁହେଁ, ସେ ନମ୍ର ଏବଂ ଉଦାର । ନିଜ ତପୋବଳରେ ସେ ବଳୀୟାନ୍ । ଏମିତି ଜଣେ ମର୍ଯ୍ୟାଦା ପୁରୁଷ ବଳ ପ୍ରୟୋଗ କରି/ବିନା ସହମତିରେ କୌଣସି ସ୍ତ୍ରୀକୁ ହରଣ କରିବାର ପ୍ରଶ୍ନ ବି ନାହିଁ । ଜୈନ ରାମାୟଣର ଗୋଟାଏ ପ୍ରକରଣରେ ଏକଥା ମଧ୍ୟ କହାଯାଇଛି ଯେ ରାବଣର ନିଧନ ରାମଙ୍କ ହାତରେ ହୋଇନାହିଁ, ବରଂ ଲକ୍ଷ୍ମୀ ହିଁ ବଧ କରିଛନ୍ତି ରାବଣକୁ । ଜୈନ ବିଚାରରେ ଲକ୍ଷ୍ମଣ ହିଁ ଥିଲେ ବାସୁଦେବ।  ରାମଙ୍କ ଉତ୍ତରିତ ମହା ସତ୍ତା ଯୁଦ୍ଧ/ସଂହାରଠାରୁ ଢେର୍ ଉର୍ଦ୍ଧ୍ୱରେ ଥିଲା । କନ୍ନଡ ରାମାୟଣରେ ସୀତା ହେଉଛନ୍ତି ରାବଣର ଝିଅ । ଖୋଦ୍ ରାବଣର ନାକ ବାଟେ ସେ ଜନ୍ମିଥିବାରୁ ଲୋକଲଜ୍ଜାରୁ ରକ୍ଷା ପାଇବା ପାଇଁ ରାବଣ ନିଜ ଶିଶୁ କନ୍ୟାକୁ ଏକ ପେଟିରେ ପୂରାଇ ଛାଡି ଆସିଥିଲା ରାଜା ଜନକଙ୍କ କ୍ଷେତରେ । (ତେବେ ସେତେବେଳେ ତାହା ରାଜା ଜନକଙ୍କର ବୋଲି ଧାରଣା, ରାବଣର ନଥିଲା)

ପାଠକେ, ଶ୍ରୀ ରାମାନୁଜନ୍ କହିଛନ୍ତି ଯେ ଭିନ୍ନତା କେବଳ ରାମାୟଣର ଭାଷାକୁ ନେଇ ଲିଖିତ ସଂସ୍କରଣ ମାନଙ୍କରେ ନାହିଁ, ଭିନ୍ନତା ଅଛି ଏହାର ବହୁବିଧ ବାଚନିକ ବିନ୍ୟାସ ମାନଙ୍କରେ; ରାମାୟଣକୁ ଭିତ୍ତି କରି ହେଉଥିବା ମଞ୍ଚ ଅଭିନୟରେ/ରାମ ଲୀଳା ମାନଙ୍କରେ । ସେଇ ଦୃଷ୍ଟିରୁ ରାମାୟଣ ତ ଅନନ୍ୟ । ପ୍ରବନ୍ଧରେ ଅବତାରଣା ହୋଇଛି ଏକ ଚମତ୍କାର ଦକ୍ଷିଣ ଭାରତୀୟ ଲୋକକଥା-ରାମାୟଣ ସଂପର୍କରେ । ତାହା ଏମିତି- ସୂର୍ପଣଖାର କନ୍ୟା ନିଜ ମା'ର ନାସାଛେଦନକୁ ସହଜ ଭାବରେ ଗ୍ରହଣ କରିପାରିନଥିଲା।  ଏହାର ପ୍ରତିଶୋଧ ନେବା ପାଇଁ ଯୁଦ୍ଧ ଉପରାନ୍ତ ସେ ପହଞ୍ଚିଲା ଅଯୋଧ୍ୟାରେ ଏବଂ ଛଦ୍ମବେଶରେ ରାଜ ଦରବାରରେ ନିଯୁକ୍ତି ଭିକ୍ଷା କଲା । ତାକୁ ଚାକିରି ମିଳିଲା ରାଜ ଉଆସରେ- ସୀତାଙ୍କ ଏକ ପରିଚାରିକା ଭାବରେ।  କ୍ରମେ ସେ ସୀତାଙ୍କ ନିକଟତର ହେବାରେ ସକ୍ଷମ ହେଲା । ଦିନେ ସୀତାଙ୍କୁ ଫୁସୁଲେଇ ସେ ତାଙ୍କ ଦ୍ୱାରା ରାବଣର ଏକ ଛବି ଅଙ୍କେଇଲା । ରାକ୍ଷସୀ ମାୟା ଯୋଗୁଁ ସୀତା ଆଙ୍କିଥିବା ସେଇ ଛବି ଆଉ ଯେତେ ଚେଷ୍ଟା କଲେ ବି ଲିଭିଲା ନାହିଁ । ଅଚିରେ ତାହା ଅନ୍ତଃପୁରରେ ରାମଚନ୍ଦ୍ରଙ୍କ ଦୃଷ୍ଟି ଗୋଚର ହୁଅନ୍ତେ ସେ ଅବିଶ୍ୱସ୍ତ ସୀତାଙ୍କୁ ତତ୍କ୍ଷଣାତ୍ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଲେ ।



ତେବେ ଅନୁଜଙ୍କ ହସ୍ତକ୍ଷେପ ଯୋଗୁଁ ସୀତାଙ୍କ ପ୍ରତି ଦଣ୍ଡାଦେଶ ପରିବର୍ତ୍ତିତ ହେଲା ବନବାସରେ । ପ୍ରବନ୍ଧରେ ଥାଇ (ଥାଇଲ୍ୟାଣ୍ଡ) ରାମାୟଣର ଉଲ୍ଲେଖ ମଧ୍ୟ ରହିଛି । ଥାଇ ବିଚାରରେ ରାବଣର ମୃତ୍ୟୁ ମହୋତ୍ସବ ପାଳନର ମୁହୂର୍ତ୍ତ ନୁହେଁ, ବରଂ ଦୁଃଖର ଦିନ । ଏଠି ହନୁମାନ ମଧ୍ୟ ବାଲ୍ମିକୀ ରାମାୟଣର ହନୁମାନ ପରି ଏକାବେଳକେ ବିକାରମୁକ୍ତ ନୁହନ୍ତି । ସେ ବିଳାସ ମନୋବୃତ୍ତିର ଅଧିକାରୀ ।

ରାମାନୁଜନ୍ କହିଛନ୍ତି ଯେ ବିଭିନ୍ନ ରଚନାରେ ରାମାୟଣର ଚରିତ୍ର ମାନଙ୍କର ଭୂମିକା ଏବଂ ମୂଲ୍ୟାୟନ ଭିନ୍ନ । ଏ ସବୁରେ ମୂଳ ଘଟଣା ପ୍ରବାହରେ ନାଟକୀୟ ପରିବର୍ତ୍ତନ ନ ଥିଲେ ହେଁ ପୃଷ୍ଠ-ଭୂମି ତଥା ପରିବେଷଣ ଶୈଳୀରେ ସାମଞ୍ଜସ୍ୟ ନାହିଁ । ତେବେ ବିବିଧତାକୁ ରାମାୟଣ ଉପରେ କଦାପି ଏକ ଆକ୍ରମଣ ବୋଲି କୁହାଯାଇପାରିବ ନାହିଁ। ଐତିହାସିକ ରୋମିଲା ଥାପରଙ୍କ ମତରେ ବର୍ଣନାର ଏଇ ଭିନ୍ନତା ହିଁ ଏକ ଅସଲ ମହାକାବ୍ୟର ପରିଚୟ । ସ୍ରୋତରେ ଗଡୁଥିବା ପଥର ଖଣ୍ଡ ପରି ମହାକାବ୍ୟଟିଏ ଆପଣା ଯାତ୍ରାପଥରେ ନାନା ଉପାଦାନ ସାଉଁଟୁଥାନ୍ତି ଏବଂ ତ୍ୟାଗ ବି କରୁଥାନ୍ତି । ଥାପର୍ ଏକଥା ବି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ସିଲାବସ୍‌ରୁ ସଂପୃକ୍ତ ପ୍ରବନ୍ଧଟି ବାଦ୍ ଦେବା ମୂଳରେ ଅଛି ଅସହିଷ୍ଣୁ ତଥା ମୌଳବାଦୀ ରାଜନୈତିକ ଚିନ୍ତନ । ଯେଉଁମାନେ ପ୍ରବନ୍ଧଟି ସେମାନଙ୍କ ଧର୍ମକୁ ଦୁର୍ନୀତିଗ୍ରସ୍ତ କରିବ ବୋଲି ଭାବି ନେଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ବାଲ୍ମିକୀ ରାମାୟଣ ମଧ ପଢିନାହାନ୍ତି, ତାମିଲ ରାମାୟଣ (କମ୍ବନ୍) ବିଷୟରେ ମୋଟେ ଶୁଣିନାହାନ୍ତି । ଏମାନେ ବୁଝିବା ପାଇଁ ନାରାଜ ଯେ ବାଲ୍ମିକୀ ରାମାୟଣ ଏବଂ ତାମିଲ ରାମାୟଣ ରଚନା ଭିତରେ ରହିଛି ଏକ ହଜାର ବର୍ଷର ବ୍ୟବଧାନ, ଯାହା ସ୍ୱାଭାବିକ ଭାବରେ ଭିନ୍ନତା ହିଁ ଆଣିବ । ତେବେ ଏହାର ଅର୍ଥ ନୁହେଁ ଯେ ବାଲ୍ମିକୀ ରାମାୟଣକୁ କେବଳ ମୁଖ୍ୟସ୍ରୋତର ରାମାୟଣ ବୋଲି ଧରି ନିଆଯିବ । ଏହା ବାଦ୍, ମିଥ୍‌କୁ କଣ କେଣେ ବନ୍ଦୀ କରିପାରିବ ? ନିର୍ଦ୍ଦିଷ୍ଟ ପୋଷାକ କଣ ପିନ୍ଧେଇ ହେବ ଲୋକକଥାକୁ ?

ମନସ୍ତତ୍ତ୍ୱବିତ୍ ମାନେ ରାମାନୁଜନ୍‌ଙ୍କ ପ୍ରବନ୍ଧ ପ୍ରତି ଅସହିଷ୍ଣୁତା ଏବଂ ପ୍ରତିବାଦର କାରଣ ଖୋଜି ପାଇଛନ୍ତି । ସେମାନଙ୍କ ମତ ହେଉଛି ଯେ ଗଣମନସ୍ତତ୍ତ୍ୱ ଈଶ୍ୱର ମାନି ସାରିଥିବା ଚରିତ୍ର ମାନଙ୍କୁ ଆଉ ବିଶ୍ଳେଷଣ କରିବା ପାଇଁ ମୋଟେ ପ୍ରସ୍ତୁତ ନୁହେଁ । କିନ୍ତୁ ରାମାନୁଜନ୍‌ଙ୍କ ପ୍ରବନ୍ଧ ଉପରେ ଆକ୍ରମଣ କାହିଁକି ? ତିନିଶହ ରାମାୟଣ ପ୍ରବନ୍ଧରେ ରାମାୟଣର ମହତ୍ତ୍ୱ କ୍ଷୁର୍ଣ୍ଣ କରିବା ପରି ଧାଡିଟିଏ ବି ନାହିଁ, ଅଛି ମହାକାବ୍ୟଟି ପ୍ରତି ଗଭୀର ଶ୍ରଦ୍ଧା । ସେ ବରଂ କହିଛନ୍ତି ଯେ 'ରାମାୟଣ କେବଳ

ଏକ ପ୍ରତୀକାତ୍ମକ କୃତି ନୁହେଁ- ଶହ ଶହ ବର୍ଷ ଧରି ବିକଶିତ ଗୋଟାଏ ପ୍ରାଣବନ୍ତ ସଂସ୍କୃତିର ମହାନ୍ ପଦପାତ। ଏକ ମଧୁର ପାରସ୍ପରିକ ସଂଳାପ। ରାମାୟଣ ଲିଖିତ ପାଠ୍ୟ, ବାଚନିକ ଆଖ୍ୟାନ, ରାମଲୀଳା, କଣ୍ଢେଇ ନାଚ, ମଞ୍ଚାୟନ- ଏସବୁର ଉପରେ ଏଇ ଅନନ୍ୟ ଲଳିତ ଉଚ୍ଚାରଣ। ପାଠକେ, ଯେଉଁମାନେ ଏଇ ମନନଶୀଳ ଅଧ୍ୟୟନକୁ ବିକୃତ କରିବା ପାଇଁ ଚେଷ୍ଟା କରୁଛନ୍ତି ସେମାନେ ଏ କଥା ଭୁଲି ଯାଉଛନ୍ତି ଯେ ଇତିହାସ କେବଳ ଅନୁକ୍ରମିକ ସମୟର ଖସଡା ନୁହେଁ, ଇତିହାସ ଏକ ଦୃଷ୍ଟି। ଏକ ଦର୍ଶନ ବି। ସତ୍ୟ କୌଣସି ସମୟରେ ଏକ ସୀମିତ ଉପଲବ୍ଧି ହୋଇ ରହିନାହିଁ ବରଂ ମହାକାଳ ଏକଥା ପ୍ରମାଣ କରିଛି ଯେ ଆପେକ୍ଷିକ ହୋଇ ଏହା ଅଧିକ ଉତ୍ତୀର୍ଣ୍ଣ। ଅଧିକ ଉଜ୍ଜ୍ୱଳ। ତେଣିକି ରାମାୟଣ ତିନି ଶହ ନ ହୋଇ ତିନି ହଜାର ହେଲେ କ୍ଷତି କଣ? ତାହିଁଲେ ଆପଣ ନିଜ ରାମଚନ୍ଦ୍ରଙ୍କ ସ୍ଥିରାଙ୍କ ନିର୍ଣ୍ଣୟ କରିପାରନ୍ତି। ସେଥିରେ ତ ବାଧା ନାହିଁ?

●

(ସମ୍ବାଦ: ୩୦/୧୧/୨୦୧୧)